

## ୧୦ମ ବର୍ଷ ● ୧ମ ସଂଖ୍ୟା ● ସେପ୍ଟେମ୍ବର ୨୦୨୦

**ଇତିଅପାଙ୍କ କଲମରୁ:** ଓଡ଼ିଆ ଭାଗବତ କଥା: ପରୀକ୍ଷିତଙ୍କ ଜନ୍ମ
**କୁନିକଥା ପରିକ୍ରମା:** କୁନିକଥା : ଏକ ଦୃଷ୍ଟିପାତ
**ତୁମ ମତ:** ଲକ୍‌ଡାଉନ୍ ହେବା ଯୋଗୁଁ ପରିବେଶରେ କିଛି ସୁଧାର ଆସିଛି କି ?
**ସ୍ମରଣୀୟ ସ୍ରଷ୍ଟା ଓ ତାଙ୍କର ସୃଷ୍ଟି:** ଉଦୟନାଥ ଷଡ଼ଙ୍ଗୀଙ୍କ କବିତା 'ଟୁଉକୁମୂଷି'
**ଜାଣିବା କଥା:** ଗୁରୁ ସର୍ବତ୍ର ପୂଜିତ
**ଗପ:** ବିପଦେ ନ ହୁଅ କାତର, ପାହାନ୍ତାରୁ ରାବେ କୁକୁଡ଼ା, ବଡ଼ରୁ ଛୋଟ।
**କବିତା:** ଆଶା, ସଂକଳ୍ପ ନେବାରେ ଗୋଟିଏ, ମନେ ପଡ଼େ, ଗଛ, ଗଛ ଲଗାଇବା ଆସ।
**ଏଥିସହିତ କୁନିକୁନାଙ୍କ ପାଠଶାଳା, କବିତା ଧନ୍ଦା, ଖବର ଓ ଆହୁରି ଅନେକ ବିଭାଗ।**

### ଇତିଅପାଙ୍କ କଲମରୁ: ଓଡ଼ିଆ ଭାଗବତ କଥା: ପରୀକ୍ଷିତଙ୍କ ଜନ୍ମ
**ଲେଖିକା: ଡ. ଇତି ସାମନ୍ତ**

ଘରେ ଘରେ ପରିଚିତ ମହାପୁରୁଷ ଅତିବଡ଼ି ଜଗନ୍ନାଥ ଦାସଙ୍କ ପ୍ରସିଦ୍ଧ ଓଡ଼ିଆ ଭାଗବତର କଥାକୁ ଅତି ସହଜ ସରଳ ଭାବେ ପିଲାମାନେ ବୁଝିପାରିଲା ଭଳି ଲେଖିଛନ୍ତି ସମ୍ପାଦିକା ଡ. ଇତି ସାମନ୍ତ। ଓଡ଼ିଆ ଭାଗବତର ଉପାଦେୟ କଥାକୁ ପିଲାଙ୍କ ପାଇଁ ଅତି ଚମତ୍କାର ଭାବେ ଉପସ୍ଥାପନା କରିଛନ୍ତି ସେ। ପରୀକ୍ଷିତଙ୍କର ଜନ୍ମ ଏବଂ ତାଙ୍କର ଭବିଷ୍ୟତ କଥା ଅତି ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି ଏଥର, ଯାହାକି ଭାଗବତର ପ୍ରଥମ ସ୍କନ୍ଧର ଦ୍ୱାଦଶ ଅଧ୍ୟାୟରେ ରହିଛି।

### କୁନିକଥା ପରିକ୍ରମା: କୁନିକଥା ଏକ ଦୃଷ୍ଟିପାତ
**ଲେଖିକା: ସୁଷମା ମିଶ୍ର**

ଅଗଷ୍ଟ ମାସର 'କୁନିକଥା'କୁ ସୁନ୍ଦର ଭାବେ ସମୀକ୍ଷା କରି ଉପସ୍ଥାପନା କରିଛନ୍ତି ଲେଖିକା।

### ତୁମ ମତ:

ଲକ୍‌ଡାଉନ୍ ହେବା ଯୋଗୁଁ ପରିବେଶରେ କିଛି ସୁଧାର ଆସିଛି କି ? ଏହି ବିଷୟରେ ନିଜନିଜର ମତ ରଖିଛନ୍ତି ଆମ କୁନାକୁନିମାନେ।

### ପୁରାଣ ପୃଷ୍ଠାରୁ: ନୃସିଂହନାଥ ତୀର୍ଥ, ପାପହରଣ କ୍ଷେତ୍ର
**ଲେଖକ: କୁଞ୍ଜବିହାରୀ ସାହୁ**

ନୃସିଂହନାଥ ତୀର୍ଥ କ୍ଷେତ୍ରରେ ସ୍ନାନକରି ମହାଦେବ କିପରି ଗୋହତ୍ୟା ପାପରୁ ମୁକ୍ତି ପାଇଥିଲେ, ଏହି ପୁରାଣ କଥାକୁ ସୁନ୍ଦର ଭାବେ ଉପସ୍ଥାପନା କରିଛନ୍ତି ଲେଖକ।

### ବଡ଼ଲୋକଙ୍କ କଥା: ନେତାଜୀଙ୍କ ଗୁରୁଭକ୍ତି
**ଲେଖକ: ବିଭୂତି ଭୂଷଣ ସେନାପତି**

ଜଣେ ଜନନେତା ଭାବେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ବହୁ ସମ୍ମାନର ଅଧିକାରୀ ହୋଇଥିଲେ ବି ତାଙ୍କର ଗୁରୁଭକ୍ତିର ଏକ ସୁନ୍ଦର ଉଦାହରଣ ରହିଛି ଗପଟିରେ।

### ଆସ ଜାଣିବା: ଗୁରୁ ସର୍ବତ୍ର ପୂଜିତ
**ଲେଖକ: ଅନନ୍ତ ପ୍ରଧାନ**

ଗୁରୁ ଦିବସକୁ କିପରି ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଦିନରେ ପାଳନ କରାଯାଏ, ସେ କଥାକୁ ଅତି ସୁନ୍ଦର ଭାବେ ଏଥିରେ ବର୍ଣ୍ଣନା କରାଯାଇଛି।

### ସ୍ମରଣୀୟ ସ୍ରଷ୍ଟା ଓ ତାଙ୍କର ସୃଷ୍ଟି

ଏହି ସ୍ତମ୍ଭରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଉଦୟନାଥ ଷଡ଼ଙ୍ଗୀଙ୍କର ପରିଚୟ ସହିତ ତାଙ୍କ ରଚିତ ପ୍ରସିଦ୍ଧ କବିତା 'ଟୁଉକୁମୂଷି' ସ୍ଥାନିତ ହୋଇଛି।

### ସ୍ମରଣୀୟ ରାଜନେତା: ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ତ୍
**ଲେଖକ: ଅମିତାଭ ଖିଲାର**

ଭାରତର ଚତୁର୍ଥ ଗୃହମନ୍ତ୍ରୀ, ଉତ୍ତରପ୍ରଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଇଥିବା ବିଶିଷ୍ଟ ରାଜନେତା ସର୍ବୋପରି ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ' ଲାଭ କରିଥିବା ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ତଙ୍କ ପାରିବାରିକ ଓ ରାଜନୈତିକ ଜୀବନ ସମ୍ପର୍କରେ ସବିଶେଷ ବିବରଣୀ ରହିଛି ଲେଖାଟିରେ। ଲେଖାଟି ପିଲାମାନଙ୍କ ପାଇଁ ଶିକ୍ଷଣୀୟ ହୋଇଛି।

**ଗପ: ବିପଦେ ନ ହୁଅ କାତର**
**ଲେଖିକା: ଜ୍ୟୋତିର୍ମୟୀ ମହାନ୍ତି**
ସାହସର ସହ ବିପଦକୁ ସାମନା କଲେ ବିପଦରୁ ରକ୍ଷା ମିଳିଥାଏ। ଏହିଭଳି ଏକ ଶିକ୍ଷଣୀୟ କଥାକୁ ନେଇ ପିଲାଙ୍କ ପାଇଁ ସୁନ୍ଦର ଗପଟିଏ।

**ଗପ: ପାହାନ୍ତାରୁ ରାବେ କୁକୁଡ଼ା**
**ଲେଖିକା: ପ୍ରଣୀତା ରାଣୀ ବେହେରା**
କୁକୁଡ଼ାଟିଏ କିପରି ବାଦୁଡ଼ିର ବନ୍ଧୁତାକୁ ଛାଡ଼ି ବଣକୁ ନ ଫେରି ଏକ ଗାଁରେ ନିଜର ଛୁଆମାନଙ୍କ ସହ ସବୁଦିନ ପାଇଁ ରହିଯାଇଛି, ଏମିତି ଏକ ସୁନ୍ଦର କଥାକୁ ନେଇ ଗପଟି।

**ଗପ: ବଡ଼ରୁ ଛୋଟ**
**ଲେଖକ: ଯଜ୍ଞଦତ୍ତ ସାମନ୍ତରାୟ**
ମଣିଷ ଯେତେ ବଡ଼ଲୋକ ହେଉନା କାହିଁକି, ଉଚ୍ଚ ପଦ ପଦବୀରେ ରହୁନା କାହିଁକି ନିଜର ଅତୀତ ସ୍ୱରୂପକୁ ଭୁଲିଯିବା ଉଚିତ ନୁହେଁ, ଏମିତି ଏକ ଶିକ୍ଷଣୀୟ କଥାକୁ ନେଇ ଗପଟି।

**କବିତା: ଆଶା**
**ଲେଖିକା: ଅନ୍ନପୂର୍ଣ୍ଣା ଖିଲାର**
ଆଶା ଓ ବିଶ୍ୱାସର କଥା କୁହାଯାଇଛି କବିତାଟିରେ।

**କବିତା: ସଂକଳ୍ପ ନେବାରେ ଗୋଟିଏ**
**ଲେଖକ: ସତ୍ୟାନନ୍ଦ ନାଏକ**
ଗଛ ଲଗାଇବାକୁ ସଂକଳ୍ପ ନେବାକୁ ସମସ୍ତଙ୍କୁ ଉତ୍ସାହିତ କରାଯାଇଛି କବିତାଟିରେ।

**କବିତା: ମନେ ପଡ଼େ**
**ଲେଖକ: ଶଙ୍କର୍ଷଣ ମହାନ୍ତ**
ପିଲାଦିନେ ଗୁରୁଜନଙ୍କ ଆକଟ କଥାକୁ ମନେପକାଇ କବିତାଟି ରଚନା କରାଯାଇଛି।

**କବିତା: ଗଛ**
**ଲେଖକ: ହଳଧର ସୁତାର**
ଗଛ କରୁଥିବା ଉପକାର କଥାକୁ ନେଇ ଚମତ୍କାର କବିତା।

**କବିତା: ଗଛ ଲଗାଇବା ଆସ**
**ଲେଖିକା: ରତ୍ନପ୍ରଭା ବାଇ**
ଗଛ ଲଗାଇବାକୁ ନେଇ ପ୍ରେରଣାଦାୟକ ଏକ କବିତା।

**ଏସବୁ ବ୍ୟତୀତ ନିୟମିତ ବିଭାଗ ସ୍ଥାନିତ ହୋଇଛି :**
**ରାଜ୍ୟ ଖବର:**
ଗିରିଶ ମୁର୍ମୁ ହେଲେ ନୂଆ ସିଏଜି, ଜାତିସଂଘର ସମ୍ମାନଜନକ ପଦରେ ଓଡ଼ିଆ ଝିଅ, ‘ଦ ଟାଇନି ଆଷ୍ଟ୍ରୋନଟ୍’।

**ତୁମ ପାଇଁ ଖବର:**
‘ଗଗନଯାନ’ ପାଇଁ ଓଡ଼ିଆପୁଅ ନିଖିଳ, ମଙ୍ଗଳ ଗ୍ରହ ଅଭିଯାନରେ ୟୁଏଇ, ୭୭ ପ୍ରକାର ନୂଆ ପ୍ରଜାତିର ପ୍ରଜାପତି, ବିଶ୍ୱର ସବୁଠାରୁ ବଡ଼ ଜିରାଫ, ପ୍ରଥମ ଘରୋଇ ରକେଟ ଇଞ୍ଜିନ ‘ରମଣ’, ୨୫୭୫ଟି ଆଇସ୍‌କ୍ରିମ୍ କାଠିରେ ତିଆରି ରଥ, କ୍ୱିକ୍ ଚାର୍ଜ ୫।

**ଖେଳ ଖବର:**
ଧୋନି ଓ ରୈନାଙ୍କ ଅବସର, ସେପ୍ଟେମ୍ବର ୧୯ରୁ ୟୁଏଇରେ ଆଇପିଏଲ୍।

**ଚଳଚ୍ଚିତ୍ର ଖବର:**
'ମାସ୍କ'କୁ ଅନ୍ତର୍ଜାତୀୟ ପୁରସ୍କାର, ଓଡ଼ିଆ ଚଳଚ୍ଚିତ୍ରକୁ ଫେରିବେ ସୁନୀଲ, 'ସମ୍ଭାବନା'କୁ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ପୁରସ୍କାର, 'ପ୍ରଚଣ୍ଡ'ରେ ପ୍ରକୃତି, ରିୟାନା ଏବେ ବଲିଉଡ଼ରେ।

**ନିୟମିତ ବିଭାଗରେ ସ୍ଥାନିତ ହୋଇଛି ଯଥା :**
**କେଦାର ପୃଷ୍ଟିଙ୍କ ପ୍ରସ୍ତୁତି 'କୁନିକୁନାଙ୍କ ପାଠଶାଳା-୭୮', ଅନନ୍ତ ପ୍ରଧାନଙ୍କ ରଚିତ 'କବିତା-ଧନ୍ଦା' ଓ ଅନ୍ୟାନ୍ୟ ଅନେକ ବିଭାଗ, ଯଥା: ଚିହ୍ନିଲ କିଏ ? କିଏ ଅଲଗା ?, ବାଟ ବତାଅ, ଜାଣିଛ କି ?, ପାର୍ଥକ୍ୟ ଖୋଜ, ଶବ୍ଦ-ଧନ୍ଦା, ତୁମ ତୂଳୀରୁ ଓ ରଙ୍ଗଦିଅ ଇତ୍ୟାଦି।**

■■■